# ବ୍ରହ୍ମପୁରର ସର୍ବପୁରାତନ ଗଞ୍ଜାମ କ୍ଲବ

ଆଶୀର୍ବାଦ ରାଉତ
ବ୍ରହ୍ମପୁର ଅଫିସ୍,୧୧।୧୧

ମଣିଷ ଏକ ସାମାଜିକ ପ୍ରାଣୀ । ଏକା ବଞ୍ଚିବା ମଣିଷ ପକ୍ଷେ ସମ୍ଭବ ନୁହଁ । ତାକୁ ଲୋଡ଼ା ଜଣେ ସାଥୀ, ଯାହା ସହ ସେ ଏକାଠି ବସିପାରିବ। ମନ ଖୋଲି ଦୁଇ ପଦ କଥା ହୋଇପାରିବ । ହସି ପାରିବ। ସୁଖ ଦୁଃଖ ବାଣ୍ଟି ପାରିବ । ଦିନ ତମାମ କାର୍ଯ୍ୟ ବ୍ୟସ୍ତତା ପରେ ଶାରୀରିକ ଏବଂ ମାନସିକ ପିଡ଼ାକୁ ଦୂର କରିବା ପାଇଁ ସନ୍ଧ୍ୟାରେ ମଣିଷ ଚାହେଁ ଫୁରସତର କିଛି ମହୂର୍ତ୍ତ। ଅନେକ ଶ୍ରମାର୍ତ୍ତ ମଣିଷଙ୍କର ଏଭଳି ଆବଶ୍ୟକତାକୁ ମେଣ୍ଟାଇବାରେ ପ୍ରମୁଖ ଭୂମିକା ନେଉଛି ଗଞ୍ଜାମ କ୍ଲବ। ଯେଉଁଠି ପ୍ରତ୍ୟେକ ସନ୍ଧ୍ୟାରେ ଏକାଠି ହୁଅନ୍ତି ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି । ଯେଉଁ ଶ୍ରମାର୍ତ୍ତ ମଣିଷଙ୍କ ପାଇଁ ଆପଣାର ସ୍ଥାନ ହୋଇ ପାରିଛି ଜିଲାର ଏହି ଅଗ୍ରଣୀ କ୍ଲବ । ସ୍ୱାଧୀନତା ପୂର୍ବ ଠାରୁ ବର୍ତ୍ତମାନ ଯାଏ, ବହୁ ଦଶନ୍ଧି ହେଲା ଅନେକ ଅପରିଚିତଙ୍କୁ ଏକ ପରିଚିତି ଡୋରିରେ ବାନ୍ଧିବାର ସଫଳ ହୋଇଛି ଗଞ୍ଜାମ କ୍ଲବ ।



ଗଞ୍ଜାମ କ୍ଲବ ।


ସଭାପତି କିଶୋର ଚନ୍ଦ୍ର ମିଶ୍ର ।


ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର ।

## କ୍ଲବର ଅଭ୍ୟୁଦୟ

ଇତିହାସର ପୃଷ୍ଠାକୁ ଲେଉଟାଇଲେ ଗଞ୍ଜାମ କ୍ଲବର ଗୌରବମୟ ଅତୀତର ପ୍ରମାଣ ମିଳୁଛି । କେଉଁ ମସିହାରେ ଏବଂ କେଉଁ ବ୍ୟକ୍ତିଙ୍କ ମାନସ ସନ୍ତାନ ଭାବେ ଏହି କ୍ଲବ ଜନ୍ମ ଗ୍ରହଣ କରିଥିଲା, ତା'ର କୌଣସି ସ୍ପଷ୍ଟ ସୂଚନା ନାହିଁ। କିନ୍ତୁ କୁହାଯାଉଛି, ପରାଧୀନ ଭାରତ ଶାସନର ଡୋରି ଧରିଥିବା କେତେକ ଇଂଲିଶ ଅଧିକାରୀ କ୍ଲବ ଗଠନ କରିଥିଲେ। ସେହି ସମୟରେ ଏହାକୁ ଇଙ୍ଗଲିସ୍ କ୍ଲବ ବୋଲି କୁହାଯାଉଥିଲା । ଗୋରା ବାବୁମାନଙ୍କ ଚିତ୍ତବିନୋଦନ ପାଇଁ ବ୍ରହ୍ମପର ସହର ଅନନ୍ତନଗରରେ ପଡ଼ିଥିଲା ଇଂଲିଶ କ୍ଲବର ନିଅଁ । କୋଠାରେ ଏକାଠି ହେଉଥିଲେ ଇଂରେଜ ଶାସନର ବହୁ ଅଧିକାରୀ। ୧୯୪୭ରେ ଦେଶ ସ୍ୱାଧୀନ ହେଲା। ଇଂରେଜ ସ୍ୱଦେଶ ଫେରିଗଲେ। ହେଲେ ପଛରେ ରହିଗଲା ଇଂଲିଶ କ୍ଲବ । ତଥାପି କ୍ଲବର କାବଟ ବନ୍ଦ ହୋଇ ନ ଥିଲା। ଅନେକ ପ୍ରଶାସନିକ ଅଧିକାରୀ କ୍ଲବର ଚାଲୁ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ । ନାଁ ରଖାଗଲା ଅଫିସର୍ସ କ୍ଲବ । ଅନେକ ବର୍ଷ ପର୍ଯ୍ୟନ୍ତ ସେଇ ଅନନ୍ତନଗରରେ ହିଁ ଅଫସର୍ସ କ୍ଲବ ଚାଲିଲା । କାଳକ୍ରମେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ(ରାଜା ବାହାଦୁର) କ୍ଲବକୁ ଆଗକୁ ନେବାକୁ ଇଚ୍ଛା ପ୍ରକାଶ କଲେ । ତାଙ୍କରି ପ୍ରଚେଷ୍ଟାରେ ହିଁ କ୍ଲବର ନୂତନ କୋଠା କମାପଲ୍ଲୀ ଛକ ନିକଟରେ ନିର୍ମାଣ କରାଗଲା । ଜାଗା ଯୋଗାଇ ଦେବାରେ ରାଜା ନେଲେ ପ୍ରମୁଖ ଭୂମିକା। କ୍ଲବର ନାମ ପରିବର୍ତ୍ତନ କରାଯାଇ ରଖାଗଲା ଗଞ୍ଜାମ କ୍ଲବ। ୧୯୫୪ ଜୁଲାଇ ୩୦ରେ ଗଞ୍ଜାମ କ୍ଲବକୁ ରେଜିଷ୍ଟ୍ରାର୍ ଅଫ୍ କମ୍ପାନିସ୍‌ରେ ପଞ୍ଜୀକୃତ କରାଗଲା। ନାଁ ବଦଳିବା ପରେ ରାଜା ବାହାଦୁର ହେଲେ କ୍ଲବର ପ୍ରଥମ ସଭାପତି। ଏପରିକି ସେ ୧୯୬୦ ମସିହା ପର୍ଯ୍ୟନ୍ତ କ୍ଲବର ସଭାପତି ଦାୟିତ୍ୱ ତୁଲାଇ ଥିଲେ। ୧୯୬୧ରେ ଆଇଏଏସ୍ ଅଧିକାରୀ ଭି.ଏସ୍. ମାଥ୍ୟୁସ୍ କ୍ଲବ ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ । ସେହି ସମୟରେ ମାଥ୍ୟୁସ୍ ଥିଲେ ଉପଜିଲାପାଳ । ପରବର୍ତ୍ତୀ ସମୟ ଅର୍ଥାତ୍ ୧୯୭୪ରୁ ୧୯୭୬ ମସିହା ପର୍ଯ୍ୟନ୍ତ ମାଥ୍ୟୁସ୍ ଓଡ଼ିଶାର ମୁଖ୍ୟ ଶାସନ ସଚିବ ହୋଇଥିଲେ । ୧୯୬୬ ମସିହାରେ କ୍ଲବକୁ ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟରେ ପଞ୍ଜୀକୃତ କରାଯାଇଥିଲା। ପରେ ରାଜନୀତିରୁ ପ୍ରଶାସନ ପର୍ଯ୍ୟନ୍ତ, ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ବିଶିଷ୍ଟ ବ୍ୟକ୍ତିମାନେ ଏହି କ୍ଲବର ପଦାଧିକାରୀ ରହିବା ସହ ସଦସ୍ୟ ମଧ୍ୟ ରହିଛନ୍ତି ।

## ୧୩୨ କ୍ଲବ ସହ ସହବନ୍ଧିତ

ଗଞ୍ଜାମ କ୍ଲବର ଦେଶର ୧୩୨ ଅଗ୍ରଣୀ କ୍ଲବର ସହ ସହବନ୍ଧିତ ହୋଇଛି । ପ୍ରାରମ୍ଭରେ କେବଳ ଭୁବନେଶ୍ୱର କ୍ଲବ, କଟକ କ୍ଲବ ଏବଂ ୱାଲଟିୟର୍ କ୍ଲବ ସହ ସହବନ୍ଧିତ ହୋଇଥିଲା। ହେଲେ କ୍ଲବର ସୁଖ୍ୟାତି ବଢ଼ିବା ସହ ଅନ୍ୟ କ୍ଲବ ସହ ସମ୍ପର୍କ ସ୍ଥାପନ ହୋଇପାରିଛି। ଗଞ୍ଜାମ କ୍ଲବର ସଦସ୍ୟମାନେ ଏହି ୧୩୨ କ୍ଲବରେ ସଦସ୍ୟତା କାର୍ଡ଼ ଦେଖାଇଲେ ସେଠାରେ ରହଣୀ ସହ ଅନ୍ୟାନ୍ୟ ସୁବିଧା ମିଳିବ। ଏତେ ସଂଖ୍ୟକ କ୍ଲବ ସହ ସହବନ୍ଧିତ ହେବାରେ ଗଞ୍ଜାମ କ୍ଲବ ବିରଳ ରେକର୍ଡ଼ର ଅଧିକାରୀ ହୋଇପାରିଛି।

## କ୍ଲବର ସଦସ୍ୟତା

ଏହି କ୍ଲବର ସଦସ୍ୟତା ହାସଲ କରିବା ପାଇଁ ସେମିତି କୌଣସି ପ୍ରକାର ଗାଇଡ଼ଲାଇନ୍ ନାହିଁ। ସମାଜର ପ୍ରତ୍ୟେକ କର୍ମକ୍ଷେତ୍ରର ବ୍ୟକ୍ତିମାନେ କ୍ଲବରେ ସଦସ୍ୟ ହୋଇପାରିବେ। ସମ୍ପ୍ରତି ଅଧ୍ୟାପକଙ୍କଠାରୁ ବ୍ୟବସାୟୀଙ୍କ ଯାଏ ବିଭିନ୍ନ ବୃତ୍ତିଧାରୀମାନେ କ୍ଲବର ସଦସ୍ୟ ଅଛନ୍ତି। ସଦସ୍ୟତା ଦେୟ ୨୫ହଜାର ଟଙ୍କା ରଖାଯାଇଛି। ସଦସ୍ୟମାନେ କ୍ଲବର ସମସ୍ତ ପ୍ରକାର ନିୟମ ମାନିବା ପାଇଁ ବାଧ୍ୟ ଅଟନ୍ତି।

## ପ୍ରତି ବର୍ଷ ନିର୍ବାଚନ

ପ୍ରତି ବର୍ଷ କ୍ଲବ ସଭାପତି, ଉପସଭାପତି, ସମ୍ପାଦକ ଏବଂ କାର୍ଯ୍ୟକାରୀ କମିଟିର ୩ଜଣ ସଦସ୍ୟ ନିମନ୍ତେ ନିର୍ବାଚନ ହୋଇଥାଏ। ଏହି ନିର୍ବାଚନରେ କ୍ଲବର ସ୍ଥାୟୀ ସଦସ୍ୟମାନେ ହିଁ ଭୋଟ୍ ଦେଇପାରିବେ । ରେଜିଷ୍ଟ୍ରାର୍ ଅଫ୍ କମ୍ପାନିସ୍ ଆକ୍ଟ ଅନୁଯାୟୀ କ୍ଲବର ୫୦ଜଣ ସ୍ଥାୟୀ ସଦସ୍ୟ ରହିଛନ୍ତି । ଏତଦ୍ ଭିନ୍ନ ଅସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ୩ଶହରୁ ଅଧିକ। ତେବେ ସ୍ଥାୟୀ ସଦସ୍ୟ ସଂଖ୍ୟା ଶହେ କରିବା ପାଇଁ ରେଜିଷ୍ଟ୍ରାର୍ ଅଫ୍ କମ୍ପାନିସ୍‌କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି ।

## କ୍ଲବର କର୍ଣ୍ଣଧାର

କ୍ଲବ ପରିଚାଳନା ପାଇଁ ସବୁ ବର୍ଷ ନିର୍ବାଚନ ହୁଏ । ଚଳିତ ବର୍ଷ ପାଇଁ କିଶୋର ଚନ୍ଦ୍ର ମିଶ୍ର ସଭାପତି ଥିବା ବେଳେ ସମ୍ପାଦକ ରହିଛନ୍ତି ସନ୍ତୋଷ କୁମାର ମହାପାତ୍ର । ଗତ ଅନେକ ବର୍ଷ ହେଲା ଏହି ଦୁଇ ଜଣ ବରିଷ୍ଠ ସଦସ୍ୟ କ୍ଲବର ମେରୁଦଣ୍ଡ ଭାବେ ଦାୟିତ୍ୱ ସମ୍ଭାଳୁଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ସଭାପତି ହେଲେ ଅନ୍ୟ ଜଣେ ସମ୍ପାଦକ ରହୁଛନ୍ତି । କିଶୋର ଚନ୍ଦ୍ର ମିଶ୍ର ୧୯୮୯ ରେ ପ୍ରଥମ ଥର ପାଇଁ ସମ୍ପାଦକ ଏବଂ ୨୦୦୯ରେ ପ୍ରଥମ ଥର ପାଇଁ ସଭାପତି ହୋଇଥିଲେ। ଏହା ପରଠୁ ସେ ଏକାଧିକ ଥର ସଭାପତି ଓ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ସନ୍ତୋଷ କୁମାର ମହାପାତ୍ର ୧୯୯୬ରେ ପ୍ରଥମ ଦଫା ସଭାପତି ଏବଂ ୨୦୦୪ରେ ପ୍ରଥମ ଥର ପାଇଁ ସମ୍ପାଦକ ହୋଇଥିଲେ। ପରବର୍ତ୍ତୀ ଅନେକ ବର୍ଷ ଭିତରେ ସେ ବହୁଥର ଉଭୟ ପଦକୁ ନିର୍ବାଚିତ ହୋଇପାରିଛନ୍ତି । ଦୀର୍ଘ ଦଶନ୍ଧିର ଇତିହାସ ଭିତରେ ବହୁ ବିଶିଷ୍ଟ ବ୍ୟକ୍ତି କ୍ଲବର ବିଭିନ୍ନ ପଦ ପଦବୀରେ ରହିଛନ୍ତି । ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପି.ଭି. ଜଗନ୍ନାଥ ରାଓ, ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରଘୁନାଥ ପ୍ରସାଦ ପାଢୀ, ଡା. କେ.ଏସ୍.ଏନ୍. ରାଓ, ଭି.ଭି.ଏସ୍.ଏନ୍. ରାଓ ଏବଂ ଜୟନ୍ତ କୁମାର ମହାପାତ୍ରଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ।

### କ'ଣ ରହିଛି ସୁବିଧା

କ୍ଲବରେ ତାସ୍ ଖେଳଠାରୁ ବିଲିୟାର୍ଡ଼ ଖେଳ ବ୍ୟବସ୍ଥା ରହିଛି । ପ୍ରସସ୍ଥ ହଲ୍‌ଗୁଡ଼ିକରେ ଏକକାଳୀନ ବହୁ ସଦସ୍ୟ ବସି ପାରିବେ। ଖେଳି ପାରିବେ। ଏଥି ସହ ଏକ ବାର୍ ମଧ୍ୟ ରହିଛି । ଯେଉଁଠି ନାମଦାମୀ କମ୍ପାନୀର ମଦ ମିଳୁଛି। ସେହିଭଳି ସଦସ୍ୟଙ୍କ ଖାଦ୍ୟ ରୁଚିକୁ ଗୁରୁତ୍ୱ ଦେଇ ଅଭିଜ୍ଞ ରୋଷେୟାଙ୍କୁ ନିୟୋଜିତ କରାଯାଇଛି ।

### ଜିରୋ ନାଇଟ୍ ମୁଖ୍ୟ ଆକର୍ଷଣ

ବର୍ଷ ତମାମ୍ କ୍ଲବ ତରଫରୁ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ହେଲେ କ୍ଲବର ମୁଖ୍ୟ ଆକର୍ଷଣ ହେଉଛି ଜିରୋ ନାଇଟ୍। ନୂଆ ବର୍ଷକୁ ସ୍ୱାଗତ କରିବା ପାଇଁ ଧୁମ୍‌ଧାମ୍‌ରେ ଜିରୋ ନାଇଟ୍ ପାଳନ ହୁଏ । ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ସ୍ୱାଦିଷ୍ଟ ଖାଦ୍ୟ ପରସା ଯାଏ । ଏଥିରେ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାମିଲ୍ ହୋଇଥାନ୍ତି। ପୂର୍ବରୁ ଫୁଲ ପ୍ରଦର୍ଶନୀ ଏବଂ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେଉଥିଲା। ହେଲେ ଗତ କିଛି ବର୍ଷ ହେଲା ଏହା ବନ୍ଦ ରହିଛି ।

## ସଂକ୍ଷେପରେ

### ପ୍ରତିଷ୍ଠା ହେବ ମଲ୍‌ଟି ସ୍ପେଶିଆଲିଟି ହସ୍‌ପିଟାଲ

ବ୍ରହ୍ମପୁର ଅଫିସ,୧୧।୧୧:ଦକ୍ଷିଣ ଓଡ଼ିଶାବାସୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ବ୍ରହ୍ମପୁରରେ ଘରୋଇ ଭାବେ ପ୍ରତିଷ୍ଠା ହେବ ମଲଟି ସ୍ପେଶିଆଲିଟି ହସ୍ପିଟାଲ। ଏଠାରେ ଅନୁଷ୍ଠିତ ଖ୍ୟାତନାମା ଡ଼ାକ୍ତରମାନଙ୍କ ସମ୍ମିଳନୀରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାର ଆୟୋଜକ ସାମାଜିକ କର୍ମୀ ବିଚିତ୍ର ପଟ୍ଟନାୟକ ଓ ନିଲେଶ ଗୁପ୍ତା ଏହି ସୂଚନା ଦେଇଛନ୍ତି । ସମ୍ମିଳନୀରେ ଡ଼ା. ଅନିଲ ଠାକୱାନି, ଡ଼ା. ସନିଭ କୁମାର, ଡ଼ା. ନୀରଭ ବଂଶଲ, ହାଇଦ୍ରାବାଦର ପି.କେ. ପଟ୍ଟନାୟକ ଓ ବ୍ରହ୍ମପୁରର କମଳ କାନ୍ତ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗର ଡ଼ାକ୍ତରମାନେ ଯୋଗ ଦେଇଥିଲେ। ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣାଙ୍କ ସମେତ ଅନେକ ଜଣାଶୁଣା ବ୍ୟକ୍ତି ଉପସ୍ଥିତ ଥିଲେ। ବୃହତ୍ତର ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ହୋଇଥିବା ଉଦ୍ୟମକୁ ସ୍ୱାଗତ କରାଯାଇଥିଲା। ମଲଟି ହସ୍‌ପିଟାଲ ପ୍ରତିଷ୍ଠା ପାଇଁ ସ୍ଥାନ ନିରୁପଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଶୁଭମ୍ ପଟ୍ଟନାୟକ ସମ୍ମିଳନୀ ସଂଯୋଜନା କରିଥିଲେ।

### ବିଜୁ-ବୃନ୍ଦାବନ ସ୍ମୃତି ପ୍ରତିଷ୍ଠାନର ସାମାଜିକ କାର୍ଯ୍ୟକ୍ରମ ୨୩ରୁ

ବ୍ରହ୍ମପୁର ଅଫିସ,୧୧।୧୧:ନବଗଠିତ ବିଜୁ-ବୃନ୍ଦାବନ ସ୍ମୃତି ପ୍ରତିଷ୍ଠାନ ପକ୍ଷରୁ ଗଞ୍ଜାମ ଜିଲା ବ୍ୟାପୀ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଲୋକପ୍ରିୟ ରାଜନେତା ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ଜୟନ୍ତୀ ଆସନ୍ତା ୨୩ ତାରିଖରୁ ତାଙ୍କ ଜନ୍ମସ୍ଥାନ ଶାସନ ଆମ୍ବଗାଁ ଓ ଶେରଗଡ଼ ବ୍ଲକରୁ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମ ୨୦୧୯ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଚାଲିବ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ବୃନ୍ଦାବନ ନାୟକଙ୍କ ସ୍ମୃତି ଚାରଣ ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମାଗଣା ମେଗା ଚକ୍ଷୁ ଚିକିତ୍ସା ଶିବିର, ସ୍ୱାସ୍ଥ୍ୟ ଶିବିର ଏବଂ ବ୍ୟାପକ ଚାରାରୋପଣ କରାଯିବ । ଏଥିପାଇଁ ଆକର୍ଷଣୀୟ ରଥ ପ୍ରସ୍ତୁତି ହୋଇଛି। ପ୍ରତିଷ୍ଠାନର ପ୍ରତିଷ୍ଠାତା ହିଞ୍ଜିଳିର ପୂର୍ବତନ ବିଧାୟକ ଉଦୟନାଥ ନାୟକ ରବିବାର ବ୍ରହ୍ମପୁରରେ ଏହି ସୂଚନା ଦେଇଛନ୍ତି । ସମାଜର ଗରିବ, ଅସହାୟ ଓ ନିରୀହ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବା ଉଦ୍ଦେଶ୍ୟରେ ପ୍ରତିଷ୍ଠାନ ଗଠନ ହୋଇଥିବା ସେ ଦର୍ଶାଇଛନ୍ତି । ଯୁବ ସାମାଜିକ କର୍ମୀ ଗଣେଶ ନାୟକ ପ୍ରତିଷ୍ଠାନର ମୁଖ୍ୟ ସଂଯୋଜକ ଥିବା ବେଳେ ହିଞ୍ଜିଳି ବ୍ଲକ ଅଧକ୍ଷ ଏନ. ରଘୁନାଥଙ୍କ ସମେତ ହୃଷୀକେଶ ପାଢ଼ୀ, ବିଚିତ୍ର ପଟ୍ଟନାୟକ ଓ ଡ଼ା. ସୁଶାନ୍ତ ପାଣିଗ୍ରାହୀ ଉପଦେଷ୍ଟା ଅଛନ୍ତି । ଶେରଗଡ଼ ବ୍ଲକର ପୂର୍ବତନ ଅଧକ୍ଷ ବାବୁଲା ଚୌଧୁରୀ, ଧରାକୋଟର ସୁଶିଲ ଦାସ, ବ୍ରହ୍ମପୁରର ବଳରାମ ପଣ୍ଡା, ବିଏମ୍‌ସିର ପୂର୍ବତନ ବିଜେଡି କର୍ପୋରେଟର ସୁରେନ୍ଦ୍ର ମହାରଣାଙ୍କୁ ନେଇ ପ୍ରତିଷ୍ଠାନର କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।

### ମହାନଗର ପୁସ୍ତକମେଳା ପ୍ରତିଭା ଅନ୍ୱେଷଣ

ବ୍ରହ୍ମପୁର ଅଫିସ,୧୧।୧୧:ମହାନଗର ପୁସ୍ତକ ମେଳା ପାଇଁ ଗଞ୍ଜାମ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରୁ ୩ ଶହ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ବକ୍ତୃତା ବିଭାଗରେ ପ୍ରିୟାଂଶୁ ଶେଖର ସାହୁ ପ୍ରଥମ, ଏ. ଆନମୋଲ ଆଚାରୀ ଓ ଆୟୁସ୍ମିତି ସାହୁ ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଶେଷଦେବ ଆଚାରୀ ତୃତୀୟ ହୋଇଥିଲେ । ସେହିପରି କନିଷ୍ଠ ବିଭାଗ ବକ୍ତୃତାରେ ସଙ୍ଗମ ସାହୁ ପ୍ରଥମ, ରୁଦ୍ର ପ୍ରତାପ ସ୍ୱାଇଁ ଓ ଅପର୍ଣ୍ଣା ପାଢ଼ୀ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଶୁଭଙ୍କର ସାହୁ ତୃତୀୟ ହୋଇଥିଲେ । ସାଧାରଣ ଜ୍ଞାନ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଫଳାଫଳ ପରେ ପ୍ରକାଶ ପାଇବ। କବି ନୀଳକଣ୍ଠ ସାହୁ, ଶୂଳପାଣି ମିଶ୍ର, ସନାତନ ପାଣିଗ୍ରାହୀ ବରିଷ୍ଠ ବିଭାଗର ବିଚାରକ ଥିବା ବେଳେ କନିଷ୍ଠ ବିଭାଗର ବିଚାରକ ଭାବେ ବିଦ୍ୟୁତପ୍ରଭା ଶତପଥୀ, କୁମାରୀ ସାଗରିକା, ଲକ୍ଷ୍ମୀ ନାରାୟଣ ଦାସ ଯୋଗ ଦେଇଥିଲେ । ଗଞ୍ଜାମ ଜିଲା ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଆସନ୍ତା ୧୬ରୁ ମହାନଗର ପୁସ୍ତକ ମେଳା ଆରମ୍ଭ ହେବ ଓ ଏହା ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କନିଷ୍ଠ ବିଭାଗର କୃତୀ ପ୍ରତିଯୋଗିଙ୍କୁ ମେଳା ଉଦ୍‌ଘାଟନ ଅବସରରେ ଏବଂ ବରିଷ୍ଠ ବିଭାଗ କୃତୀ ପ୍ରତିଯୋଗୀଙ୍କୁ ଉଦ୍‌ଯାପନ ଦିବସରେ ପୁରସ୍କୃତ କରାଯିବ ବୋଲି କମିଟି ସଭାପତି କବି ସୁଶାନ୍ତ ଦାସ ସୂଚାଇଛନ୍ତି । ପ୍ରତିଯୋଗିତାକୁ ଅଜିତ କୁମାର ସାବତ, ଦିପ୍ତୀମିତା ମହାପାତ୍ର, ସୁଧାଞ୍ଜଳି ମିଶ୍ର, ବାଲ୍ମିକୀ ମହାପାତ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ ।

# ମଧୁମେହ ସଚେତନତା ପଦଯାତ୍ରା

ବ୍ରହ୍ମପୁର ଅଫିସ,୧୧।୧୧

ବ୍ରହ୍ମପୁର ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକ୍ ଏବଂ ଛତ୍ରପୁର ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ରବିବାର ଛତ୍ରପୁରରେ ବିଶ୍ୱ ମଧୁମେହ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ମଧୁମେହ ବିଶେଷଜ୍ଞ ଡା. ସୁନୀଲ କୁମାର କୋଟାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ ପ୍ରିୟାଂଶୁ ପ୍ରଧାନ ଏବଂ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଭାଗନେଇଥିଲେ । ସୁସ୍ଥ ଜୀବନ ପାଇଁ ନିୟମିତ ବ୍ୟାୟାମ ଏବଂ ଠିକ୍ ଜୀବନ ଶୈଳୀ ଉପରେ ମୁଖ୍ୟଅତିଥି ତଥା ଏସ୍‌ପି ରାୟ ଗୁରୁତ୍ୱ ଦେଇଥିଲେ। ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡରୁ ବାହାରି ଛତ୍ରପୁର ସହର ପରିକ୍ରମା କରିଥିଲା। ମଧୁମେହ ସଚେତନତା ପୁସ୍ତିକା ବଣ୍ଟନ କରାଯାଇଥିଲା । ଶେଷରେ ରୋଟାରି ଭବନରେ ପ୍ରାୟ ଶହେ ଲୋକଙ୍କ ରକ୍ତ ଶର୍କରା ଏବଂ ରକ୍ତଚାପ ପରୀକ୍ଷା କରାଯାଇଥିଲା। ନିରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ବ୍ରହ୍ମାନନ୍ଦ ପାଢୀ ଏବଂ ମଙ୍ଗଳା ପଣ୍ଡାଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।



ସଚେତନତା ଶୋଭାଯାତ୍ରାକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

# ସନିଆ ବେହେରାଙ୍କୁ କଳାନିଧି ସମ୍ମାନ

ବ୍ରହ୍ମପୁର ଅଫିସ,୧୧।୧୧

କବି କୈଳାସ ଚନ୍ଦ୍ର ମହାପାତ୍ର ଫାଉଣ୍ଡେଶନ୍ ଟ୍ରଷ୍ଟର ୧୦୭ତମ ସମ୍ବର୍ଦ୍ଧନା ଉତ୍ସବ ସାନବଜାର ମାନସ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବର୍ଷିଆନ୍ କଳାକାର ସନିଆ ବେହେରାଙ୍କୁ କଳାନିଧି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ସଭାପତି ସନ୍ତୋଷ ସୁବୁଦ୍ଧି ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଟ୍ରଷ୍ଟ ପ୍ରତିଷ୍ଠାତା କବି କୈଳାସ ଚନ୍ଦ୍ର ମହାପାତ୍ର ସନିଆ ବେହେରାଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ. ଚନ୍ଦ୍ରମଣି ସ୍ୱାଇଁ, ମୁଖ୍ୟବକ୍ତା ଲୋକ ସାହିତ୍ୟ ଗବେଷକ ଡ. ପ୍ରଦୀପ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ସମ୍ମାନିତ ବକ୍ତା କଳାରତ୍ନ ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଶିଶୁ ସାହିତ୍ୟିକ କାଳିନ୍ଦୀ ଚରଣ ନାୟକ, ଶିକ୍ଷାବିତ୍ ଜିତେନ୍ଦ୍ର ନାଥ ପଟ୍ଟନାୟକ, ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ମହାପାତ୍ର, ପ୍ରବଚକ ଅନ୍ତର୍ଯାମୀ ତ୍ରିପାଠୀ, ବାଦ୍ୟଶିଳ୍ପୀ ବଳଦେବ ସାହୁ, ସାମାଜିକ କର୍ମୀ ନଳିନୀକାନ୍ତ ପାଣିଗ୍ରାହୀ, ନାଟ୍ୟକାର ଲିଙ୍ଗରାଜ ନାହାକ, ଲେଖିକା ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଗାୟକ ଲକ୍ଷ୍ମୀନାରାୟଣ ସାମଲ, କଣ୍ଠଶିଳ୍ପୀ ଭଗବାନ ସାମଲ, କୃଷ୍ଣଚନ୍ଦ୍ର ମହାକୁଡ଼, ସଂକୀର୍ତ୍ତନ ଗାୟକ ବିଜୟ ଜେନା, କୃଷ୍ଣଚନ୍ଦ୍ର ସାହୁ, ରାମଚରିତ ମାନସ ପ୍ରବକ୍ତା ଅଜିତ ତ୍ରିପାଠୀ, କୁନୁ ବେହେରା, ଶିକ୍ଷାବିତ୍ ସତ୍ୟନାରାୟଣ ମିଶ୍ର, ପଦ୍ମଚରଣ ଦାସ, ଅଭି ରାଉତ, ମହେନ୍ଦ୍ର ସାହୁ ଓ ପଦ୍ମଲୋଚନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଚଟିଆ ଛୁଆ ପାଇଲେ ନୂଆ ଜୀବନ

ବ୍ରହ୍ମପୁର ଅଫିସ,୧୧।୧୧

ପରିବେଶ କର୍ମୀଙ୍କୁ ହସ୍ତକ୍ଷେପ ପରେ ଶନିବାର ବିରଳ ଚଟିଆ(ସ୍କାଲି ବ୍ରେଷ୍ଟେଡ୍ ମୁନିଆ) ଛୁଆମାନେ ନୂଆ ଜୀବନ ପାଇଛନ୍ତି । ଘଟଣା ହେଲା, ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଘର ଚଟିଆ ସଂରକ୍ଷଣ ପାଇଁ ବିଭିନ୍ନ ସ୍ଥାନରେ କୃତ୍ରିମ ବସା ଖଞ୍ଜା ଯାଇଥାଏ । ପ୍ରାୟ ୩ ମାସ ପୂର୍ବେ ବ୍ରହ୍ମପୁର ସହର ଫାଷ୍ଟଗେଟ୍ ନିକଟ ଓମ୍‌ନଗର ପ୍ରଥମ ଗଳିର ଅମର ସ୍ୱାଇଁଙ୍କ ଘର ସମ୍ମୁଖରେ ଏକ ଚଟିଆ ବସା ଲଗାଯାଇଥିଲା । ସେଠାରେ କେତେକ ଚଟିଆ ରହୁଥିଲେ । ତେବେ ଏକ ଚଟିଆ ନିଜେ ଏକ ବସା ବନାଇ ସେଥିରେ ବସବାସ କରୁଥିଲା। କିଛି ଦିନ ପୂର୍ବେ ଏହି ଚଟିଆଟି ଅଣ୍ଡା ଦେଇଥିଲା । ଯେଉଁଥିରୁ ପ୍ରାୟ ୫ ଛୁଆ ଜୀବିତ ରହିଥିଲେ। ଶନିବାର ସକାଳେ ବସାଟି ପବନରେ ତଳେ ପଡ଼ିଯାଇଥିଲା। ଛୁଆଗୁଡ଼ିକ ବାହାରେ ପଡ଼ିଥିଲେ। ଅମର ଦେଖି ଏନେଇ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ରଙ୍କୁ ସୂଚନା ଦେଇଥିଲେ। ସାଗରଙ୍କ ସମେତ ପରିବେଶ କର୍ମୀ ବନମାଳୀ ପ୍ରଧାନ, ପି.ଅରବିନ୍ଦ ଏବଂ ବିଜେନ୍ଦ୍ର ମାଝି ପ୍ରମୁଖ ପହଞ୍ଚି ଅସହାୟ ଅବସ୍ଥାରେ ପଡ଼ିଥିବା ଛୁଆଗୁଡ଼ିକୁ ଉଦ୍ଧାର କରିଥିଲେ । ବାଉଁଶ ଟାଟରେ ନିର୍ମିତ ଏକ ବସାକୁ ସେଠାରେ ଖଞ୍ଜିବା ସହ ସେଥିରେ ଛୁଆଗୁଡ଼ିକୁ ରଖିଥିଲେ । କିଛି ସମୟ ପରେ ମା' ଚଟିଆ ମଧ୍ୟ ସେଇ ବସାରେ ଆସି ରହିଥିଲା । ପରିବେଶ କର୍ମୀଙ୍କ ଉଦ୍ୟମ ଯୋଗୁ ଚଟିଆ ଛୁଆଗୁଡ଼ିକୁ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ ।


ଉଦ୍ଧାର ହୋଇଥିବା ଚଟିଆ ଛୁଆ ।

■ ଇଣ୍ଡିଆନ୍ ବ୍ୟାଙ୍କ ଏମ୍ପ୍ଲଇଜ୍ ୟୁନିୟନ ସମ୍ମିଳନୀ

# ବ୍ୟାଙ୍କ ଶିଳ୍ପକୁ ଧ୍ୱଂସ କରାଯାଉଛି

ବ୍ରହ୍ମପୁର ଅଫିସ,୧୧।୧୧

ଯେଉଁ ବ୍ୟାଙ୍କ ଶିଳ୍ପ ଏକଦା ଦେଶର ପୁଞ୍ଜି ଥିଲା, ସେହି ବ୍ୟାଙ୍କ ଶିଳ୍ପ ଆଜି ରୁଗ୍‌ଣ ହେବାରେ ଲାଗିଛି । ଧ୍ୱଂସ ହେଉଛି । ପୁଞ୍ଜିପତି ଏବଂ ସରକାରର ଏକ ଗୋଷ୍ଠୀ ଏଥି ପାଇଁ ଦାୟୀ। ଜାତୀୟକରଣ ବ୍ୟାଙ୍କଗୁଡ଼ିକରେ ଗଚ୍ଛିତ ବହୁ ଲକ୍ଷ କୋଟି ଟଙ୍କା ହଡ଼ପ ପାଇଁ ଏକ ଷଡଯନ୍ତ୍ର ଚାଲିଛି । ଘରୋଇକରଣ ଏବଂ ମିଶ୍ରଣ ନାମରେ ଜାତୀୟକରଣ ବ୍ୟାଙ୍କଗୁଡ଼ିକୁ ବରବାଦ୍ କରାଯାଉଛି । ବ୍ୟାଙ୍କ କର୍ମଚାରୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଏହା ବିରୋଧରେ ସଂଗ୍ରାମ କରିବା ଆବଶ୍ୟକ ବୋଲି ସିପିଆଇ(ଏମ୍)ର ରାଜ୍ୟ ସାଧାରଣ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ପ୍ରକାଶ କରିଛନ୍ତି । ଶନିବାର ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଇଣ୍ଡିଆନ୍ ବ୍ୟାଙ୍କ ଏମ୍ପ୍ଲଇଜ୍ ୟୁନିୟନ୍ ଓଡ଼ିଶା ଶାଖାର ୨୩ତମ ଦ୍ୱିବାର୍ଷିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେବା ଅବସରରେ ସେ ଉପରୋକ୍ତ ବକ୍ତବ୍ୟ ଦେଇଥିଲେ ।



ସମ୍ମିଳନୀରେ ମଞ୍ଚାସୀନ ଅତିଥି ଏବଂ ସଂଗଠନର କର୍ମକର୍ତ୍ତା ।

ବ୍ୟାଙ୍କଗୁଡ଼ିକ ଉପରେ ସାଢ଼େ ୧୨ଲକ୍ଷ କୋଟି ଟଙ୍କା ଅନାଦାୟ ଋଣର ବୋଝ ରହିଛି। ଏଥିରୁ ୮୫ପ୍ରତିଶତ ଋଣ ପୁଞ୍ଜିପତି ନେଇଛନ୍ତି । ସରକାର ସେମାନଙ୍କଠାରୁ ଋଣ ଭରଣା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଓଲଟି ସେମାନଙ୍କ ଋଣ ମାଫ୍ କରାଯାଉଛି। ଗତ ୨ ବର୍ଷ ଭିତରେ ପୁଞ୍ଜିପତିଙ୍କୁ ୨ଲକ୍ଷ ୬୦ହଜାର କୋଟି ଟଙ୍କାର ଋଣକୁ ସରକାର ଛାଡ଼ କରିଛନ୍ତି। ହେଲେ ଚାଷୀଙ୍କ ଋଣ ମାଫ୍ କରୁନାହାନ୍ତି। ପୁଞ୍ଜିପତିଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ସରକାର ବ୍ୟାଙ୍କ ଶିଳ୍ପକୁ ଧ୍ୱଂସ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ ।

ପ୍ରାରମ୍ଭରେ ସଂଗଠନ ସଭାପତି ପ୍ରତାପ ଚନ୍ଦ୍ର ଚୌଧୁରୀ ରକ୍ତପତାକାକୁ ଉତ୍ତୋଳନ କରିଥିଲେ । ଏକଦା ଇଣ୍ଡିଆନ୍ ବ୍ୟାଙ୍କ ଲାଭଦାୟକ ସଂସ୍ଥା ଥିଲା । କିନ୍ତୁ କର୍ମଚାରୀ ଅଭାବ ଯୋଗୁ ବର୍ତ୍ତମାନ ବ୍ୟାଙ୍କ ଅବସ୍ଥା ଖରାପ ହେବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ନୂତନ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉନାହିଁ। କର୍ମଚାରୀଙ୍କ ସମସ୍ୟା ଏବଂ ଦାବିକୁ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି । ଦୀର୍ଘ ବର୍ଷ ହେଲା ଦିନ ମଜୁରିଆ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ଥାୟୀ କରାଯାଉନାହିଁ । ଏଥି ସହ ବ୍ୟାଙ୍କ ମିଶ୍ରଣ, ଅଧିଗ୍ରହଣ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ସମ୍ମିଳନୀରେ ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ଫେଡେରେଶନ୍‌ର ଯୁଗ୍ମ ସମ୍ପାଦକ ଚିରଞ୍ଜିତ ଘୋଷ, କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରଦୀପ ଷଡ଼ଙ୍ଗୀ ଓ ଜଗଦୀଶ ଚନ୍ଦ୍ର ଜେନା, ସାଧାରଣ ସମ୍ପାଦକ ଅଶୋକ ମହାନ୍ତି ଏବଂ ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ତଥା ସିଟୁ ନେତା ଯୁଧିଷ୍ଠିର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସମ୍ମିଳନୀ ରବିବାର ଉଦ୍‌ଯାପିତ ହେବ ।

## ସଂକ୍ଷେପରେ

### ବାର୍ଷିକ ମୁଖପତ୍ର ଉନ୍ମୋଚନ ଉତ୍ସବ




**ବ୍ରହ୍ମପୁର ଅଫିସ୍,୧୧।୧୧:** କଳିଙ୍ଗ ସାହିତ୍ୟ ସମାଜର ବାର୍ଷିକ ମୁଖପତ୍ର 'ସାହିତ୍ୟ'ର ଉନ୍ମୋଚନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ କବିୟିତ୍ରୀ ଅମୀୟବାଳା ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ ଏବଂ ସ୍ୱର୍ଣ୍ଣପ୍ରଭା ପାଢ଼ୀ ମଞ୍ଚାସିନ ଥିଲେ। ସମ୍ପାଦକ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ପତ୍ରିକା ସମ୍ପର୍କରେ ସୂଚନା ଦେଇଥିଲେ । ସଭ୍ୟ ଦୀନବନ୍ଧୁ ଶ୍ରୀପଲ୍ଲଭ ଧନ୍ୟବାଦ ଦେଇଥିଲେ । ନଳିନୀକାନ୍ତ ଗୌଡ଼, ଡ. କୁଳମଣି ଓଝା, ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ମହମ୍ମଦ ରଫି ସଙ୍ଗୀତ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୧୧।୧୧:** ବିଗ୍‌ବାଦଶାହା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମହମ୍ମଦ ରଫି ସଙ୍ଗୀତ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ କଳା ପରିଷଦରେ ଆୟୋଜିତ ପ୍ରତିଯୋଗିତାକୁ ପରିଷଦ ସମ୍ପାଦକ କୃଷ୍ଣଚରଣ ସିଂହ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ପ୍ରତିଯୋଗୀମାନେ ମହମ୍ମଦ ରଫିଙ୍କ ଦ୍ୱାରା ରଚିତ ତଥା କଣ୍ଠଦାନ କରିଥିବା ସଙ୍ଗୀତ ପରିବେଷଣ କରିଥିଲେ । କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସହରର ବିଭିନ୍ନ ସ୍କୁଲ, କଲେଜ, ସାଂସ୍କୃତିକ ଅନୁଷ୍ଠାନରୁ ୫୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ଯତୀନ ଦାଶ, ଅଶ୍ୱିନୀ ମହାପାତ୍ର ଓ ହିମାଂଶୁ ଶେଖର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ବେଣୁଧର ସାସମଲ, ସନ୍ତୋଷ ପଣ୍ଡା, ଏମ. ମାଧବ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କନିଷ୍ଠ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶୀତଲ କବି ପ୍ରଥମ ହୋଇଥିବା ବେଳେ ଦିବ୍ୟାଶା ପଣ୍ଡା ଦ୍ୱିତୀୟ ଓ ଅନନ୍ୟା ପାଢ଼ୀ ତୃତୀୟ ହୋଇଛନ୍ତି । ସେହିପରି ବରିଷ୍ଠ ବର୍ଗରେ ଦିଲ୍ଲୀପ କୁମାର ତ୍ରିପାଠୀ ପ୍ରଥମ, ରଘୁନାଥ ସେଠୀ ଦ୍ୱିତୀୟ, ପ୍ରଭାତ କୁମାର ଶତପଥୀ ତୃତୀୟ ହୋଇଛନ୍ତି । କୃତୀ ପ୍ରତିଯୋଗୀଙ୍କୁ ଡିସେମ୍ବର ୨ରେ ଅନୁଷ୍ଠିତ ହେବାକୁ ଥିବା ମହମ୍ମଦ ରଫିଙ୍କ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବା ନେଇ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

### ଡୁ ଡ୍ୟାନ୍ସ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ୍,୧୧।୧୧:** ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ତରଫରୁ ରବିବାର ଶୁଭମ୍ ସେଲିବ୍ରେସନ୍‌ରେ ଡୁ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏକକ ନୃତ୍ୟ ପ୍ରତିଯୋଗିତାରେ ୨୩୮ ପ୍ରତିଯୋଗୀ ଭାଗ ନେଇଥିଲେ । କନିଷ୍ଠ, ଉପକନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ହୋଇଥିଲା । ଆଶିଷ କୁମାର, ବାଣିଶ୍ରୀ, ଭବାନୀ ପ୍ରସାଦ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ସ୍ମୃତି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କ୍ଲବ ଅଧ୍ୟକ୍ଷ ଭି.ଅଜିତ କୁମାର ରାଜୁ ଏବଂ ଭି.ନୂତନଙ୍କ ସମେତ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସଂସ୍କୃତି, ପରମ୍ପରା ବଞ୍ଚାଇବାରେ ଯୁବପିଢ଼ି ଆଗଭର ହୁଅନ୍ତୁ

**ବ୍ରହ୍ମପୁର ଅଫିସ,୧୧।୧୧**

ଗଞ୍ଜାମ ଜିଲା କଳା ସଂସ୍କୃତିର ଜିଲା । ଆଧୁନିକତା ଛାପ ପରେ ମଧ୍ୟ ଜିଲାର କଳା, ସଂସ୍କୃତି ପରମ୍ପରା ଏବେ ବି ବଞ୍ଚି ରହିଛି । ଏହି ସଂସ୍କୃତି ଓ ପରମ୍ପରାକୁ ଆଗକୁ ଆହୁରି ପୁନର୍ଜୀବିତ କରି ରଖିବା ସହ ଲୋକାଭିମୁଖୀ କରିବା ଦିଗରେ ଯୁବପିଢ଼ି ଅଗ୍ରସର ହେବାକୁ ପଡ଼ିବ । ବ୍ରହ୍ମପୁର ଷ୍ଟାଡିୟମରେ ଚାଲିଥିବା ୨୪ତମ ଜିଲା ଯୁବ ଉତ୍ସବ ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ଏହା କହିଛନ୍ତି । ପାଠପଢ଼ା ସହ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଏକ ଉତ୍ତମ ନାଗରିକ, ଉତ୍ତମ ମନୁଷ୍ୟ ଭାବେ ଗଢ଼ି ତୋଳିବାକୁ ମୁଖ୍ୟଅତିଥି ସାହୁ ପରାମର୍ଶ ଦେଇଛନ୍ତି । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା ପ୍ରଶାସନ କ୍ରୀଡ଼ା ବିଭାଗ ଅନୁକୂଲ୍ୟରେ ଆୟୋଜିତ ଉତ୍ସବର ଉଦ୍‌ଯାପନୀ ଦିବସରେ ଯୁବନେତା ବିକ୍ରମ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଥିଲେ, ନିଜର କଳା ଓ ସଂସ୍କୃତି ତଥା ବିଭିନ୍ନ କ୍ଷେତ୍ର ପାଇଁ ଆନ୍ତର୍ଜାତୀୟସ୍ତରରେ ଗଞ୍ଜାମ ଜିଲାର ନାମ ରହିଛି । ଗଞ୍ଜାମ ଜିଲା ଲୋକକଳା ପାଇଁ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଜିଲାର ସମ୍ମାନ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଯୁବପିଢ଼ିଙ୍କର ପ୍ରଧାନ ଦାୟିତ୍ୱ । ତେଣୁ ସମୟକୁ ଅପଚୟ ନ କରି ଏହାର ସଦୁପଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଜିଲା ଏନଏସ୍‌ଏସ୍ ଅଫିସର ଡ. ସତୀଶ ପ୍ରସାଦ ନାୟକ, ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ଉପସଭାପତି ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ, ସମାଜିକକର୍ମୀ ପ୍ରଫୁଲ୍ଲ ପଟ୍ଟନାୟକ, କୋଦାର ନାଥ ଚୌଧୁରୀ, ପର୍ଯ୍ୟଟନ ଭାରତ ସମ୍ପାଦକ ନାରାୟଣ ମହାଙ୍କୁଡ ପ୍ରମୁଖ ମଞ୍ଚାସୀନ ଥିଲେ । ଉଦ୍‌ଯାପନୀ ଦିବସରେ ଓଡିଶୀ ନୃତ୍ୟ, ଇଲୋକ୍ୟୁସନ, ଏକାଙ୍କିକା, ମଣିପୁରୀ, କଥକ ଓ କୁଚିପୁଡ଼ି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦଳଗତ ଲୋକସଙ୍ଗୀତ ପ୍ରତିଯେଗିତାରେ ବ୍ରହ୍ମପୁର ଓଡିଶୀ ସଙ୍ଗୀତ ପରିଷଦ(ନୁପୁର) ଅନୁଷ୍ଠାନର ସୁଚରିତା ମହାନ୍ତି ଏଣ୍ଡ ଗ୍ରୁପ, ଦଳଗତ ଲୋକନୃତ୍ୟରେ ଦିଗପହଣ୍ଡି ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ଆଲୋକ ବିଷୋୟୀ ଏଣ୍ଡ ଗ୍ରୁପ ଜିଲାସ୍ତରରେ ପ୍ରଥମ ହୋଇ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଯୋଗଦେବାକୁ ମନୋନୀତ ହୋଇଛନ୍ତି । ସେହିପରି ବଂଶୀବାଦନରେ ଡି. ଜାନବୀ ରାମ ଆଚାର୍ଯ୍ୟ, ହିନ୍ଦୁସ୍ଥାନୀ ସଙ୍ଗୀତରେ ଚନ୍ଦନ କୁମାର ଅଚାର୍ଯ୍ୟ, ତବଲାରେ ତପନ ପଢ଼ିଆରୀ, ହାରମୋନିୟମରେ ଗୋପାଳକୃଷ୍ଣ ନାହାକ, ଭାରତ ନାଟ୍ୟମ୍‌ରେ ରାଧେଶ୍ୟାମ ତରାଇ, କୁଚିପୁଡ଼ିରେ ମୋନାଲି ଦାଶ, କର୍ଣ୍ଣାଟକୀ ସଙ୍ଗୀତରେ ଭି. କାମେଶ୍ୱର ଅଭିନାଥ, ମୃଦଙ୍ଗରେ ଶ୍ୟାମଘନ ବେହେରା, ବକ୍ତୃତାମାଳା ସୌମ୍ୟ ପଟ୍ଟନାୟକ , ଏକାଙ୍କିକାରେ ଆରର୍ହାନ୍ତ କଲେଜ, ଗୀଟାରରେ କାଳୁଚରଣ ମହାରଣା, ଓଡିଶୀ ନୃତ୍ୟରେ ଆକାକ୍ଷା ମିଶ୍ର, କଥକରେ ପ୍ରିୟଦର୍ଶିନୀ ଦାଶ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି । ଏହି କୃତୀ ପ୍ରତିଯୋଗିମାନେ ଆସନ୍ତା ୧୫ରେ ଯାଜପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଭାଗନେବେ ବୋଲି କ୍ରୀଡ଼ା ବିଭାଗ ପକ୍ଷରୁ କୁହାଯାଇଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବୃଷକେତୁ ଦାଶ ସଂଯୋଜନା କରିଥିବା ବେଳେ ଉତ୍ସବରେ ଜିଲାର ୧୧ ବ୍ଲକ, ୨ ଏନ୍‌ଏସି ଓ ବ୍ରହ୍ମପୁର ମହାନଗର ନିଗମରୁ ୩୨୧ ଯୁବ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜିଲାର ବିଭିନ୍ନ କୋଣ ଅନୁକୋଣରୁ ୨୯ ବରିଷ୍ଠ ଗୁରୁ, କଳାକାର ବିଚାରକ ଭାବେ ଯୋଗ ଦେଇଥିଲେ । ବ୍ଲକ ଓ ଜିଲାର ୫୯ ଅଫିସିଆଲ ଓ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

**ଯୁବ ଉତ୍ସବ ଉଦ୍‌ଯାପିତ**




ଦଳଗତ ଲୋକ ସଙ୍ଗୀତରେ କୃତୀ ଦଳ ପୁରସ୍କାର ଗ୍ରହଣ କରୁଛନ୍ତି ।

# ଏକାଦଶ ଶିଶୁ-କିଶୋର ନାଟ୍ୟୋତ୍ସବ



ନାଟକର ଏକ ଦୃଶ୍ୟ ।

**ବ୍ରହ୍ମପୁର ଅଫିସ, ୧୧।୧୧**

ସାଂସ୍କୃତିକ ଅନୁଷ୍ଠାନ ଅନ୍ୟଦୃଷ୍ଟି ପକ୍ଷରୁ ଏକାଦଶ ଶିଶୁ କିଶୋର ନାଟ୍ୟୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଟାଉନହଲରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଗଞ୍ଜାମ କଳା ପରିଷଦ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅଭିନେତା ସୁବୋଧ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ତିରୁପତି ସାହୁ, ଗଞ୍ଜାମ କଳା ପରିଷଦ ଉପସଭାପତି ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଆଇନଜୀବୀ ହର୍ଷପ୍ରସାଦ ଦାଶ, ସାହିତ୍ୟିକା ଡ. ବିଧୁପ୍ରଭା ରଥ ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନ ଉପଦେଷ୍ଟା ନାଟ୍ୟ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଶତପଥୀ, ସମ୍ପାଦକ ସୋମନାଥ ବେହେରା, ସଭାପତି ପି. ଶିବପ୍ରସାଦ ରେଡ୍ଡୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜନ ସେଠୀ, କିଶାନ ସାହୁ, କାମରାଜ ସାହୁ ଓ ମୁକୁନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ନାଟ୍ୟକଳାକାରମାନଙ୍କୁ ନେଇ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏହି ଶୋଭାଯାତ୍ରା କମାପଲ୍ଲୀରୁ ବାହାରି ଟାଉନହଲରେ ପହଞ୍ଚିଥିଲା । ଏହି ଉତ୍ସବ ଅବସରରେ ୭ ସଚେତନତାତ୍ମକ କ୍ଷୁଦ୍ର ନାଟକ ପରିବେଶିତ ହୋଇଥିଲା । ଇ.ଏମ୍. ସ୍କୁଲ ନାଟ୍ୟଦଳ ପକ୍ଷରୁ ପି. ଶିବପ୍ରସାଦ ରେଡ୍ଡୀଙ୍କ ନିର୍ଦ୍ଦେଶିତ ଜନ୍ମଭୂମି ନାଟକରେ ମିଥ୍ୟା ପ୍ରଲୋଭନ ଦେଖାଇ ନିରୀହ ଲୋକଙ୍କୁ ଠକି ଚାଲିଥିବା ଲୋକଙ୍କ ବିରୋଧରେ ସ୍ୱରଉତ୍ତୋଳନ କରିବା ଦୃଶ୍ୟ ପ୍ରତିଫଳିତ ହୋଇଥିଲା । ସେହିପରି ରୋଭର୍ସ ଏଣ୍ଡ ରେଞ୍ଜର୍ସ ଅଫ ଆସ୍କା ପକ୍ଷରୁ ଶାଶ୍ୱତ ମିଶ୍ରଙ୍କ ନିର୍ଦ୍ଦେଶିତ 'ଆସ ମଣିଷ ହେବା', ବାଳ ଗୋପାଳ ଶତପଥୀଙ୍କ ନିର୍ଦ୍ଦେଶିତ 'କୁଅ ଚୋରି', ପାଭେଲ ପ୍ରିୟଦର୍ଶିନୀଙ୍କ ନିର୍ଦ୍ଦେଶିତ 'ଅମ୍ଳାନ ଦୀପଶିଖା', ତାରାଚାନ୍ଦ ପାତ୍ରଙ୍କ ନିର୍ଦ୍ଦେଶିତ 'ସକାଳ ପାଇଁ', ପ୍ରସାଦ କୁମାରଙ୍କ ନିର୍ଦ୍ଦେଶିତ 'ଜହ୍ନମାମୁ', ସୋମନାଥ ବେହେରାଙ୍କ ନିର୍ଦ୍ଦେଶିତ ବିବର୍ତ୍ତନ ନାଟକ ମାଧ୍ୟମରେ ସାମାଜିକ ଚେତନା ତଥା ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରାଯାଇଥିଲା । ନାଟକଗୁଡ଼ିକୁ ମନୋଜ ଦଣ୍ଡପାଟ ସମୀକ୍ଷା କରିଥିବା ବେଳେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ୨୫ ଦିବ୍ୟାଙ୍ଗଙ୍କୁ ମିଳିବ ମାଗଣା ଶିକ୍ଷା

**ବ୍ରହ୍ମପୁର ଅଫିସ୍,୧୧।୧୧**

ଡିସେମ୍ବର ୩ତାରିଖରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ ହେବ। ଏହି ଅବସରରେ ମୁକ, ବଧିର ଓ ମାନସିକ ଅନଗ୍ରସର ବିଦ୍ୟାଳୟ(ଶ୍ରବଣ) ଏବଂ ଶଶି ଏଜୁକେଶନାଲ୍ ଚାରିଟେବଲ୍ ଟ୍ରଷ୍ଟ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦିବସ ପାଳନ ଅବସରରେ ପ୍ରଭାତ ଫେରି ସହ ସଚେତନତା ଶୋଭାଯାତ୍ରା ଆୟୋଜନ ହେବ । ଅପରାହ୍ନରେ ସିଟି ହାଇସ୍କୁଲ ପଡ଼ିଆରେ ପୁରସ୍କାର ବିତରଣୀ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ଶଶି ଏଜୁକେଶନାଲ୍ ଚାରିଟେବଲ୍ ଟ୍ରଷ୍ଟ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ସଭାପତି ଦେବୀ ପ୍ରସାଦ ସାହୁ ଏବଂ ଉପଦେଷ୍ଟା ପ୍ରଫୁଲ୍ଲ ଜଗନ୍ନାଥ ପାଢ଼ୀ ସୂଚନା ଦେଇଛନ୍ତି । ଚଳିତ ବର୍ଷ ଜିଲାର ୨୫ ଦିବ୍ୟାଙ୍ଗ ଶିଶୁଙ୍କୁ ଚୟନ କରାଯାଇ ମାଗଣା ଶିକ୍ଷାଦାନ ସହ ପାଠ୍ୟଉପକରଣ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ କାର୍ଯ୍ୟକାରୀ ସଭାପତି କେ.କୃଷ୍ଣମୂର୍ତ୍ତି ସୂଚନା ଦେଇଛନ୍ତି । ଏଥି ସହ ବିଭିନ୍ନ ଗ୍ରାମରେ ଚୟନ ଶିବିର ଆୟୋଜନ କରାଯାଇ ଶିକ୍ଷିତ ଦିବ୍ୟାଙ୍ଗ ପିଲାଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ସମ୍ପାଦକ ସୁଚିତ୍ରା ନାୟକ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଚୌଧୁରୀ, ମାନସ ଦାସ, ବିମଳ ପାଢ଼ୀ, ନାରାୟଣ ମହାଙ୍କୁଡ଼, ଲଡୁକିଶୋର ମିଶ୍ର, ଅଳକା ପଣ୍ଡା ଓ ସୁକୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ପବିତ୍ର



@ ନବୀନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଓଡ଼ିଶା ବକ୍ସିଂ ଦଳର ଆଲ୍ଲାହାବାଦ ଗସ୍ତ




ଓଡ଼ିଶା ବକ୍ସିଂ ଦଳର ଖେଳାଳି ।

**ବ୍ରହ୍ମପୁର ଅଫିସ,୧୧।୧୧**

ଆଲ୍ଲାହାବାଦ ଶାନ୍ତିପୁରମ୍‌ରେ ଆସନ୍ତା ୧୩ରୁ ୧୭ତାରିଖ ପର୍ଯ୍ୟନ୍ତ ୬୧ତମ ଜାତୀୟ ବରିଷ୍ଠ ପୁରୁଷ ବକ୍ସିଂ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ୭ ଖେଳାଳି ଖେଳିବେ । ସେମାନେ ହେଲେ ୪୯କିଲୋ ଓଜନ ବର୍ଗରେ ତନୁଜ ନାୟକ, ୫୨ କିଲୋ ଓଜନ ବର୍ଗରେ ଗଣେଶ କୁମାର ଗୌଡ଼, ୫୬କିଲୋ ଓଜନ ବର୍ଗରେ ସନ୍ତୋଷ କୁମାର ବେହେରା, ୬୦କିଲୋ ଓଜନ ବର୍ଗରେ ନୀଳକଣ୍ଠ ପାଣିଗ୍ରାହୀ, ୬୪କିଲୋ ଓଜନ ବର୍ଗରେ ଦୁର୍ଗାପ୍ରସାଦ ଦାସ, ୬୯କିଲୋ ଓଜନ ବର୍ଗରେ ସୁଧୀର କୁମାର ବେହେରା ଏବଂ ୯୧କିଲୋ ଓଜନ ବର୍ଗରେ ଅରିଜିତ ମହାପାତ୍ର । ଦଳର କୋଚ୍ ରହିଛନ୍ତି, ମନୋରମା ମହାରଣା ଏବଂ ମ୍ୟାନେଜର୍ ବ୍ରହ୍ମାନାରାୟଣ ସାହୁ । ରବିବାର ଏହି ଦଳ ଆହ୍ଲାବାଦ୍ ଯାତ୍ରା କରିଥିବା ବକ୍ସିଂ ଓଡ଼ିଶା ସମ୍ପାଦକ କବିରାଜ ଗୌଡ଼ ସୂଚନା ଦେଇଛନ୍ତି ।

# ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୧୧।୧୧**

ଗଞ୍ଜାମ ଜିଲା ପୁସ୍ତକ ମେଳା ସମିତି ତରଫରୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ରବିବାର ବିଦ୍ୟାଳୟସ୍ତରୀୟ ବକ୍ତୃତା, ସଙ୍ଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବକ୍ତୃତା ବରିଷ୍ଠ ପ୍ରତିଯୋଗିତାରେ ଏ.ଅନମୋଲ ଆଚାରୀ ପ୍ରଥମ ହୋଇଥିବା ବେଳେ ଶିବାନୀ ସୁବୁଦ୍ଧି ଦ୍ୱିତୀୟ ଏବଂ ସ୍ମୃତିରାଣୀ ଅଧିକାରୀ ଓ ସୂରଜ କୁମାର ଯୁଗ୍ମ ତୃତୀୟ ହୋଇଛନ୍ତି। ବକ୍ତୃତା କନିଷ୍ଠ ପ୍ରତିଯୋଗିତାରେ ଅଭିଷେକ ସାମନ୍ତରାୟ ପ୍ରଥମ ହୋଇଥିବା ବେଳେ ଆୟୁଷ୍ମତୀ ସାହୁ ଦ୍ୱିତୀୟ ଏବଂ ଅର୍ଚ୍ଚିତା ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସଙ୍ଗୀତ ବରିଷ୍ଠରେ ଅକ୍ଷାଂଶୁ ଜ୍ୟୋତି ବେହେରା ପ୍ରଥମ, ଶାଶ୍ୱତ କୁମାର ସିଂ ଦ୍ୱିତୀୟ ଏବଂ ସ୍ମୃତିରାଣୀ ଅଧିକାରୀ ତୃତୀୟ ହୋଇଛନ୍ତି। ସଙ୍ଗୀତ କନିଷ୍ଠରେ ବିଘ୍ନେଶ ମହାରଣା ପ୍ରଥମ, ଅନନ୍ୟା ପାଢ଼ୀ ଦ୍ୱିତୀୟ ଏବଂ ସ୍ୱୟମ ସମ୍ଭବ ସାହୁ ତୃତୀୟ ହୋଇଛନ୍ତି। ଉପକନିଷ୍ଠରେ ମିଳନ୍ ଦାସ ପ୍ରଥମ ଏବଂ ସୋମେୟା ରେଡ୍ଡୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ଅଧ୍ୟାପକ ଲକ୍ଷ୍ମଣ ନାରାୟଣ ପଣ୍ଡା, ମନୋଜ ସାମଲ, ସୁନନ୍ଦା ପାଢ଼ୀ, କାର୍ତ୍ତିକ ପାଣିଗ୍ରାହୀ, ନୀଳାଞ୍ଚଳ ବେହେରା ଏବଂ ଶିଶିର ମିଶ୍ର ଯୋଗ ଦେଇଥିଲେ । ଭବାନୀ ଶଙ୍କର ପାଣିଗ୍ରାହୀ, ବିଚିତ୍ରାନନ୍ଦ ବେବର୍ତ୍ତା, ସୁବାସ ପଟ୍ଟନାୟକ, ଦେବୀ ପ୍ରସାଦ ମହାପାତ୍ର ଓ ସୂର୍ଯ୍ୟ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।



ନାଗ ଚତୁର୍ଥୀ ଅବସରରେ ବ୍ରହ୍ମପୁର ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ଉଇ ହୁଙ୍କାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି ।



ବ୍ରହ୍ମପୁର ଆଙ୍କୁଲି ଶିଳ୍ପାଞ୍ଚଳରେ କାଳୀ ମୂର୍ତ୍ତି ଭସାଣି ପାଇଁ ନିଆଯାଉଛି । (ଫଟୋ-ସମୀର)

# ବ୍ରାହ୍ମଣପଙ୍କ ଗାଁରେ ଦୁଇଗୋଷ୍ଠୀ ବିବାଦ

ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ପଟିଗୁଡ଼ା ପଞ୍ଚାୟତ ବ୍ରାହ୍ମଣପଙ୍କ ଗାଁରେ ସବର୍ଣ୍ଣ-ଅସବର୍ଣ୍ଣ ଯୁବଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ନେଇଛି। ବ୍ୟକ୍ତିଗତ କଳହରୁ ଗୋଷ୍ଠୀ ବିବାଦ କାରଣରୁ ସମଗ୍ର ଗାଁ ଅଶାନ୍ତ ହୋଇପଡ଼ିଛି। ଶନିବାର ସନ୍ଧ୍ୟାରେ ସବର୍ଣ୍ଣ ଗୋଷ୍ଠୀର ବହୁ ସଂଖ୍ୟକ ବ୍ୟକ୍ତି ଠେଙ୍ଗାବାଡ଼ି ଧରି ଦଳିତ ସାହିର କାଲୁ ନାୟକ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ପଶି ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି । ଏନେଇ କାଲୁଆଙ୍କ ସ୍ତ୍ରୀ ତଅପୋଇ ରବିବାର ପାଟପୁର ଥାନାରେ ଏତଲା ଦେଇଛନ୍ତି । କାଲୁ ନାୟକଙ୍କ ପୁଅ ରାଜେନ୍ଦ୍ର ନାୟକଙ୍କ ସହ କେଦାର ଗୌଡ଼ ଓ ଗଣେଷ ଗୌଡ଼ଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଗ୍ରାମର ସବର୍ଣ୍ଣ ଗୋଷ୍ଠୀର ଲୋକେ ଦଳିତ ସାହିରେ ରହୁଥିବା ଅସବର୍ଣ୍ଣ ଗୋଷ୍ଠୀର ଲୋକଙ୍କୁ ଧମକ ଦେବା ସହ ଘର ଜାଳିଦେବୁ ବୋଲି ଧମକ ଦେଇଥିବା ତଅପୋଇ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ମାଡ଼ ଭୟରେ କିଛି ବ୍ୟକ୍ତ ଘର ଛାଡ଼ି ନିକଟସ୍ଥ ଗ୍ରାମର ସମ୍ପର୍କୀୟଙ୍କ ଘରେ ରହୁଥିବା ଜଣାପଡ଼ିଛି ।

# ପଡ଼ୋଶୀଙ୍କ ଠେଙ୍ଗାମାଡ଼ରେ ଯୁବକ ଗୁରୁତର

ଦିଗପହଣ୍ଡି,୧୧।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନୂଆସାହିର ପ୍ରଫୁଲ୍ଲ ବାଡ଼ତ୍ୟାଙ୍କୁ ତାଙ୍କ ପଡ଼ୋଶୀ ଘର ଲୋକେ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପ୍ରଫୁଲ୍ଲଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ମେଡିକାଲରେ ଭର୍ତ୍ତି କରାଯାଇଛି। ରବିବାର ଏ ନେଇ ଏତଲା ହେବା ପରେ କେ.ନୂଆଗାଁ ଥାନା ମାମଲା ନଂ. ୧୪୮/୧୮ ରେ ମାମଲା ରୁଜୁ କରିଛି। ନୂଆପଡ଼ା ପୋଲିସ ଫାଣ୍ଡି ଅଧିକାରୀ କେ. ଦଣ୍ଡପାଣି ଦୋରାଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଆଇଆଇସି ସୁଜିତ କୁମାର ନାୟକ ଜଣାଇଛନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ପ୍ରଫୁଲ୍ଲ ଓ ତାଙ୍କ ପଡ଼ୋଶୀଙ୍କ ମଧ୍ୟରେ ଯୁକ୍ତିତର୍କ କଥା କଟାକଟିରୁ ଧସ୍ତାଧସ୍ତି ହୋଇଥିଲା। ପଡ଼ୋଶୀ ଓ ତାଙ୍କ ଝିଅ ପ୍ରଫୁଲ୍ଲଙ୍କୁ ଠେଙ୍ଗାରେ ଅତର୍କିତ ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ ଅଛି।

# କୃଷ୍ଣଲୀଳା, ଲୋକକଳାକୁ ଜିଲା, ରାଜ୍ୟ ବାହାରେ ପ୍ରସାର କରାଯିବ

ପୋଲସରା, ୧୧।୧୧ (ଡି.ଏନ.ଏ.)

ଆଧୁନିକ ଯୁଗରେ କୃଷ୍ଣଲୀଳା, ରାମଲୀଳା ଭଳି ଲୋକକଳାକୁ ଉଜ୍ଜୀବିତ ରଖିବା ଲାଗି ଜିଲା ଏବଂ ରାଜ୍ୟ ବାହାରେ ଏହାର ପ୍ରସାର କରିବାର ଆବଶ୍ୟକତା ରହିଛି। ଏହି ଲୋକକଳା ଓ ସଂସ୍କୃତିକୁ ନେଇ ପୋଲସରା ବ୍ଲକ କଳମ୍ବ ଗ୍ରାମରେ ଶନିବାର ବ୍ରହ୍ମପୁର ଆକାଶବାଣୀ ପକ୍ଷରୁ ଆମରି ଗାଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଳମ୍ବ ମାଟିରେ ଥିବା କୃତିତ୍ୱ ସାଙ୍ଗକୁ କୃଷ୍ଣଲୀଳା, ରାମଲୀଳା ସମେତ ବିଭିନ୍ନ ଲୋକକଳା ଅଞ୍ଚଳରେ ମୁଖ୍ୟ ଆକର୍ଷଣ ରହିଥିବା ବେଳେ କଳମ୍ବର ଐତିହ୍ୟ ଓ ସଂସ୍କୃତିକୁ ଜିଲା ତଥା ରାଜ୍ୟ ବାହାରେ ପ୍ରସାର କରାଯିବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ମୁଖ୍ୟ ସହକାରୀ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସୁଧାକର ଚନ୍ଦ୍ର ବେହେରା, କେ. ରାମକୃଷ୍ଣ, କେ. ସୁମିତ୍ରା ପାତ୍ର ସଂଯୋଜନା କରିଥିଲେ। ପୁରୁଷୋତ୍ତମ ହାଇସ୍କୁଲ ଛାତ୍ରୀଛାତ୍ର ସଙ୍ଗୀତ ଓ ବକ୍ତୃତାରେ ଭାଗ ନେଇଥିବା ବେଳେ କୃଷ୍ଣଲୀଳା ନାଟକର ମିଟିକେ ପ୍ରଧାନ, ଦୀନବନ୍ଧୁ ସାହୁ, ପାଣ୍ଡବ ପ୍ରଧାନ, ପର୍ଶୁରାମ ପ୍ରଧାନ, ଭାସ୍କର ସାହୁ, କୁମୁଦ ଚନ୍ଦ୍ର ଦଳେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ସରପଞ୍ଚ ପ୍ରଶାନ୍ତ କୁମାର ପ୍ରଧାନ, ସମିତିସଭ୍ୟ ପ୍ରତିନିଧି ସୁମିତ କୁମାର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ